## ସଂକ୍ଷେପରେ

### ପୁଅ ମାଡ଼ରେ ଗୁରୁତର ବାପା ମୃତ

ଗଞ୍ଜାମ,୧୧।୭(ବିଦ୍ୟାଧର ସାହୁ): ଗଞ୍ଜାମ ଜିଲା ରମ୍ଭା ଥାନା ଅନ୍ତର୍ଗତ ଗଞ୍ଜାମ ବ୍ଲକ ଖୁଡିଏସପୁର ପଞ୍ଚାୟତର ବାଲସିଂହପଲ୍ଲୀ ଗ୍ରାମରେ ପୁଅ ରଡ଼ରେ ପିଟିବାରୁ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଣପତି ଦାସ (୫୫)। ପାରିବାରିକ କଳହକୁ ନେଇ ଗତ ୯ ତାରିଖ ରାତିରେ ପ୍ରଥମେ ବାପପୁଅଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଉତ୍ୟକ୍ତ ହୋଇ ପୁଅ ଗାନ୍ଧୀ ଦାସ ବାପାଙ୍କୁ ଲୁହା ରଡ଼ରେ ପିଟିଥିଲେ। ଫଳରେ ଗଣପତି ଗୁରୁତର ଆହତ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରିବା ପରେ ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ଗଣପତିଙ୍କୁ ଅଧିକ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ମେଡ଼ିକାଲକୁ ପଠାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ରମ୍ଭା ପୋଲିସ ଅଭିଯୁକ୍ତ ପୁଅ ଗାନ୍ଧୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

### ଶାଗୁଆନ କାଠ ଜବତ

ପାତ୍ରପୁର,୧୧।୭(ଉମା ଚରଣ ନେପାକ) ସାମାନ୍ତିଆପଲ୍ଲୀ ବନାଞ୍ଚଳ ଅନ୍ତର୍ଗତ ବାଦପୁର ପୂର୍ବ ବିଭାଗ ରାସ୍ତା ଦେଇ ଟ୍ରାକ୍ଟରରେ ଚୋରା ଚାଲାଣ ହେଉଥିବା ଶାଗୁଆନ କାଠକୁ ସାମନ୍ତିଆପଲ୍ଲୀ ବନ ବିଭାଗ ବୁଧବାର ଜବତ କରିଛି। ପ୍ରାୟ ୩୫ ସିଏଫ୍ଟି ଶାଗୁଆନ କାଠଗଣ୍ଡି ବାଦପୁର ପଞ୍ଚାୟତ ତିନିଘରିଆ ପଟରୁ ସାମନ୍ତିଆପଲ୍ଲୀ ଆଡ଼କୁ ଯାଉଥିଲା। ସାମନ୍ତିଆପଲ୍ଲୀ ବନାଞ୍ଚଳ କର୍ମଚାରୀମାନେ ପହଞ୍ଚି ଉକ୍ତ କାଠ ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ଟ୍ରାକ୍ଟର ଚାଳକଙ୍କୁ କାବୁ କରିଥିଲେ। ଏ ନେଇ ନଂ. ୭୦/୨୪ରେ ଏକ ମାମଲା ରୁଜୁ କରାଯାଇ ଟ୍ରାକ୍ଟର ଚାଳକ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା କାଞ୍ଚିଲି ବ୍ଲକ ଅଞ୍ଚଳର ବୁଡୁପୁ ବାସୁଦେବଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ବନାଞ୍ଚଳ ଅଧିକାରୀ ମନୋଜ କୁମାର ପାତ୍ର ସୂଚନା ଦେଇଛନ୍ତି।

### ଶିକ୍ଷକଙ୍କ ବଦଳି ବାତିଲ ପାଇଁ ଅଭିଭାବକଙ୍କ ଆବେଦନ

ବୁଗୁଡ଼ା,୧୧।୭(କାଳିଚରଣ ଦାଶ) ବୁଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଦୀର୍ଘ ୧୭ ବର୍ଷ ଧରି କାର୍ଯ୍ୟ କରିଆସୁଥିବା ବରିଷ୍ଠ ଶିକ୍ଷକ ରବୀନ୍ଦ୍ର ଦାଶଙ୍କୁ ବେଲଗୁଣ୍ଠା ସରସ୍ୱତୀ ଶିଶୁ ମନ୍ଦିରକୁ ବଦଳି ହୋଇଛି। ଏହି ବଦଳିକୁ ବାତିଲ କରିବାକୁ ଅଭିଭାବକମାନଙ୍କ ପକ୍ଷରୁ ଶିଶୁ ମନ୍ଦିର ପରିଚାଳନା ସମିତି ସମ୍ପାଦକଙ୍କ ନିକଟରେ ଆବେଦନ କରାଯାଇଛି। ଅଭିଭାବକମାନେ ସେମାନଙ୍କ ଆବେଦନପତ୍ରରେ ଦର୍ଶାଇଛନ୍ତି ଯେ ସ୍ୱଳ୍ପ ଦକ୍ଷିଣା ପାଉଥିବା ବରିଷ୍ଠ ଗୁରୁଜୀ ଜଣକ ବେଲଗୁଣ୍ଠାକୁ ଦୈନିକ ଯାତାୟାତ କରିବା କିମ୍ବା ସେଠାରେ ଘରଭଡ଼ା ନେଇ ସପରିବାର ରହିବା ସହଜ ନୁହେଁ। ଅନ୍ୟପକ୍ଷରେ ଏହି ଶିଶୁ ମନ୍ଦିରରେ ଅଧ୍ୟାପନାକାରୀଙ୍କ ଅଭାବ ସମୟରେ ଏହି ତାଲିମପ୍ରାପ୍ତ ଗୁରୁଜୀଙ୍କୁ ଅନ୍ୟତ୍ର ବଦଳି ଯୋଗୁ ଶିକ୍ଷାଦାନରେ ବାଧା ଉପୁଜିବାର ଆଶଙ୍କା ଥିବା ଦର୍ଶାଯାଇଛି। ଅଭିଭାବକମାନଙ୍କ ପକ୍ଷରୁ ସମ୍ପାଦକଙ୍କୁ ପ୍ରଦତ୍ତ ଆବେଦନପତ୍ରର ଏକାକିତା ନକଲ ଦକ୍ଷିଣ ପୂର୍ବ ସଂଯୋଜକ ଏବଂ ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀଙ୍କ ଗୋଚରାର୍ଥେ ପ୍ରେରଣ କରାଯାଇଥିବା ଜଣାଯାଇଛି।

### ଦିବ୍ୟାଙ୍ଗଙ୍କ ନାଁରେ ଚାରା ରୋପଣ

ଦିଗପହଣ୍ଡି,୧୧।୭(ଅଶେଷ ନାଥ ମିଶ୍ର) ଗଞ୍ଜାମ ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୋବିନ୍ଦ ପ୍ରଧାନ ସ୍ମୃତି ସଂସଦ ପକ୍ଷରୁ ଗୁରୁବାର ଭୀଷ୍ମଗିରି ନିକଟସ୍ଥ ଶ୍ରୀଗଣେଶ ନଗର ଠାରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେତେକ ଦିବ୍ୟାଙ୍ଗ ଶିଶୁମାନଙ୍କ ଦ୍ୱାରା ଓ ସେମାନଙ୍କ ନାଁ ଚାରା ରୋପଣ କରାଯାଇଥିଲା। ସ୍ଥାନୀୟ ବନ ବିଭାଗ କର୍ମଚାରୀ ଓ ଭୀଷ୍ମଗିରି ତଥା ଆଖପାଖ ଗ୍ରାମର ପ୍ରଫୁଲ୍ଲ କୁମାର ମହାନ୍ତି, ଏ. ନାରସୁ, ପ୍ରକାଶ ଚନ୍ଦ୍ର ଗୌଡ଼, ନଳିନୀ ରଞ୍ଜନ ପାଣିଗ୍ରାହୀ, କୃଷ୍ଣ ଚନ୍ଦ୍ର ଦାସ, ବି. ସୁକୁଟା, ପ୍ରମୋଦ କୁମାର ପାତ୍ର, ହାଡୁବନ୍ଧୁ ପଣ୍ଡା, ଗଣେଶ ସାହୁ, ଭାଗବତ ବେହେରା, ପ୍ରମୋଦ ସର୍ଦ୍ଦାରଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ଭୀଷ୍ମଗିରି ଉନ୍ନୟନ ପରିଷଦର ସଭାପତି ପ୍ରଶାନ୍ତ କୁମାର ପାଠୀଙ୍କ ସଭାପତିତ୍ୱରେ ଏକ ସଚେତନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ସମ୍ପାଦକ ବୃନ୍ଦାବନ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ବୃକ୍ଷରୋପଣର ମହତ୍ୱ, ସାମାଜିକ ଦାୟିତ୍ୱବୋଧ ସମ୍ପର୍କରେ ଆଲୋକପାତ କରିଥିଲେ। ଗୋବିନ୍ଦ ପ୍ରଧାନ ସ୍ମୃତି ସଂସଦର କର୍ମକର୍ତ୍ତା ଅଶୋକ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଞ୍ଜାମରେ ଚିହ୍ନଟ ହେବେ ସମ୍ବେଦନଶୀଳ ଶିଶୁ

■ବାଲ୍ୟବିବାହ ରୋକିବା ଉପରେ ଗୁରୁତ୍ୱ
■ଶିଶୁ ଶ୍ରମିକ ଉଦ୍ଧାର ନିର୍ଦ୍ଦେଶ

ଛତ୍ରପୁର,୧୧।୭ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ ):

ନିର୍ଭୟା କଢ଼ି, ମୋ ଗେହ୍ଲା ଝିଅ ଓ ଶିଶୁ ଶ୍ରମିକ ଦୂରୀକରଣ ପାଇଁ ଜିଲା ଟାସ୍କ ଫୋର୍ସ କମିଟି ଏବଂ ଜିଲା ଶିଶୁ ସୁରକ୍ଷା କମିଟି ତଥା ମିଶନ ବାତ୍ସଲ୍ୟର ସମୀକ୍ଷା ବୈଠକ ଗଞ୍ଜାମ ଜିଲାପାଳ ଙ୍କ ସଭାବନା କକ୍ଷରେ ଅତିରିକ୍ତ ଜିଲାପାଳ ଡକ୍ଟର ପ୍ରମୋଦ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପୃଷ୍ଟି କହିଥିଲେ ଯେ, ଜିଲାରେ ପ୍ରତ୍ୟକ ଶିଶୁମାନଙ୍କ ସୁରକ୍ଷା ଓ ବାଲ୍ୟ ବିବାହକୁ ରୋକିବା ପାଇଁ ଜିଲା ପ୍ରଶାସନ ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛନ୍ତି। ଜିଲାରେ ଦୁଇଟି ଅଭିନବ କାର୍ଯ୍ୟକ୍ରମ ମୋ ଗେହ୍ଲା ଝିଅ ଏବଂ ନିର୍ଭୟା କଢ଼ି ଭଳି କାର୍ଯ୍ୟ ହାତକୁ ନିଆଯାଇଛି । ଶିଶୁମାନଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଥିବା ବିଭିନ୍ନ କମିଟିମାନେ ନିଜର ଦାୟିତ୍ୱ ଠିକ ଭାବରେ ନିର୍ବାହ କରି ଶିଶୁମାନଙ୍କ ସୁରକ୍ଷା ଦିଗରେ ଦେଖାଦେଉଥିବା ଅସୁବିଧାଗୁଡିକୁ ସମାଧାନ କରିବା ଦିଗରେ ପଦକ୍ଷେପ ନେବାକୁ ବୈଠକରେ ଅତିରିକ୍ତ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।


ବୈଠକରେ ଏଡିଏମ ଓ ଅନ୍ୟ ଅଧିକାରୀମାନେ ସମୀକ୍ଷା କରୁଛନ୍ତି।

ବୈଠକରେ ବ୍ରହ୍ମପୁର ଉପଜିଲ୍ଲାପାଳ ସୁଶ୍ରୀ ଦୀନା ଦସ୍ତଗୀର ମଧ ଉପସ୍ଥିତ ରହି ଜିଲାରେ ଭିଏଚଏସଏନଡି କାର୍ଯ୍ୟକ୍ରମ କେମିତି ସୂଚାରୁ ରୂପେ ହୋଇପାରିବ, ସେ ଦିଗରେ ମତାମତ ଦେବା ସହିତ ଜିଲ୍ଲାରେ ଶିଶୁ ମୃତ୍ୟୁହାରକୁ ରୋକିବା ଦିଗରେ ସ୍ୱାସ୍ଥ୍ୟ ବିଭାଗ ଏବଂ ସମାଜ ମଙ୍ଗଳ ବିଭାଗ ମିଳିତ ଭାବରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଗତ ତିନି ମାସରେ ହୋଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପନା କଲାବେଳେ ଜିଲା ସମାଜ ମଙ୍ଗଳ ଅଧିକାରୀ ଅବେଦା ପରବୀନ ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡଙ୍ଗୀ ବିଭିନ୍ନ ବିଭାଗର ସମନ୍ୱୟରେ ଶିଶୁମାନଙ୍କର ସୁରକ୍ଷାକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷା ବିଭାଗର ଅଧିକାରୀ ମଧ ଶିଶୁମାନଙ୍କୁ ଶିକ୍ଷା ଯୋଗାଇଦେବା ପାଇଁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରତ୍ୟେକ ଗ୍ରାମରେ ସମ୍ବେଦନଶୀଳ ଶିଶୁମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରେ ସାମିଲ କରିବାକୁ ଅଧିକାରୀମାନଙ୍କୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରତ୍ୟକ ଗ୍ରାମରେ କୋଠାଘର ମାନଙ୍କରେ ବାଲ୍ୟ ବିବାହ ନିଷେଧ ଆଇନ ସମ୍ପର୍କରେ ସଚେତନତା ବାର୍ତ୍ତା ଲିପିବଦ୍ଧ ହେବବୋଲି ବୈଠକରେ ସ୍ଥିର କରଯାଇଥିଲା। ଏହି ବୈଠକରେ ଶିଶୁ ସୁରକ୍ଷା ବିଭାଗର କର୍ମକର୍ତ୍ତା ଶରତ ମହାରଣା, ଶିବ ରଥ, ସୁଜିତ କୁମାର ସାହୁ, ଆକ୍ସନ ଏଡ ର ଜିଲ୍ଲା ସଂଯୋଜକ ଦେବବ୍ରତ ମାହୁନ୍ତ, ଅରୁଣାର ସଂଯୋଜକ ମାର୍କଣ୍ଡ ମିଶ୍ର , ଶିଶୁ ମଙ୍ଗଳ ସମିତିର ଡଃ ଦିଲୀପ ତ୍ରିପାଠୀ, ପ୍ରଣବ ପାଢି ଏବଂ ଜିଲ୍ଲାରେ ସମସ୍ତ ଶିଶୁ ବିକାଶ ପ୍ରକଳ୍ପର ଅଧିକାରୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀ, ଜିଲ୍ଲା ଶିକ୍ଷା ବିଭାଗର ଜ୍ୟୋତିପ୍ରକାଶ ରଥ, ଜିଲା କିଶୋର ନ୍ୟାୟ ବୋର୍ଡ, ଶିଶୁ ମଙ୍ଗଳ ସମିତିର ସମସ୍ତ ସଦସ୍ୟ ଓ ଜିଲାର ପ୍ରମୁଖ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟ ଏବଂ ସମ୍ପୃକ୍ତ ଅଧିକାରୀଗଣ ଉପସ୍ଥିତ ଥିଲେ।

# ସରକାରୀ ବସ୍‌ରେ କୁଲାଡ଼ ଗଲେ ବିଧାୟକ


ବିଧାୟକ ବସ୍‌ରେ ବସି କୁଲାଡ଼ ଯାଉଛନ୍ତି।

ଭଞ୍ଜନଗର,୧୧।୭ (ବାବୁଲା ପ୍ରଧାନ): ଗତ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡ଼ି ସରକାର ଲକ୍ଷ୍ମୀ ବସ ସେବାର ଶୁଭାରମ୍ଭ କରିଥିଲେ। ଏହା ଗରିବ ଲୋକଙ୍କୁ ବେଶ ସହାୟ ହୋଇଥିଲା। କିନ୍ତୁ ବସ୍ ଟିକେଟ ବହୁ କମ ଥିବା ଯୋଗୁଁ ଏହା କ୍ଷତିରେ ଚାଲିଛି। ଏହିଭଳି ପରିସ୍ଥିତିରେ ରାଜ୍ୟରେ ଭାଜପା ସରକାର ବର୍ତ୍ତମାନ କ୍ଷମତାକୁ ଆସିଛି। ଫଳରେ ଉକ୍ତ ବସ୍ ସେବାର ନାମ 'ଲକ୍ଷ୍ମୀ ବସ' ବଦଳରେ 'ମୁଖ୍ୟମନ୍ତ୍ରୀ ବସ' ନାମକରଣ କରାଯାଇଛି। ଏଥିସହ କେତେକ ରୁଟ ପରିବର୍ତ୍ତନ କରଯାଇଛି। ଗୁରୁବାର ଅପରାହ୍ନରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଅଚାନକ ଉକ୍ତ ମୁଖ୍ୟମନ୍ତ୍ରୀ ବସ୍‌ରେ ଭଞ୍ଜନଗରରୁ ବସି କୁଲାଡ ଯାଇଛନ୍ତି। ଏହି ସମୟରେ ବିଧାୟକ ଯାତ୍ରୀମାନଙ୍କୁ ବସ ସେବାର ସୁବିଧା ଅସୁବିଧା ପଚାରି ବୁଝିଥିଲେ। ବିଧାୟକଙ୍କ ଗସ୍ତ ସମୟରେ ଗୋଳାପଡ଼ା ସମିତିସଭ୍ୟ ଏବଂ ଡିହପଡାଲ ସରପଞ୍ଚ ପ୍ରତିନିଧି ସୁବାଷ ବରାଡ ପ୍ରମୁଖ ଉପସ୍ଥିତ ଥିଲେ।

# ଡାକ୍ତରଖାନା ପରିଦର୍ଶନ କଲେ ବିଧାୟକ


ଡାକ୍ତରଖାନା ସ୍ଥିତି ଅନୁଧ୍ୟାନ କରୁଛନ୍ତି ବିଧାୟକ ।

ଆସିକା,୧୧।୭ (ସୁରେନ୍ଦ୍ର ନାଥ ସାହୁ): ଆସିକା ବିଧାୟକ ସରୋଜ କୁମାର ପାଢୀ ଗୁରୁବାର ସକାଳ ପ୍ରାୟ ୯ଟାରେ ଅଚାନକ ଆସିକା ସରକାରୀ ଡାକ୍ତରଖାନା ପରିଦର୍ଶନରେ କରିଥିଲେ। ବିଧାୟକ ଡାକ୍ତରଖାନାର ପରିମଳ ବ୍ୟବସ୍ଥା, ରୋଗୀ ସେବା, ରୋଗୀଙ୍କୁ ଔଷଧ ଯୋଗାଣ, ଦାୟିତ୍ୱରେ ଥିବା ଡାକ୍ତରଙ୍କ ଉପସ୍ଥିତି, ସେବିକାମାନଙ୍କ ବ୍ୟବହାର, ସୁରକ୍ଷା କର୍ମୀଙ୍କ କାର୍ଯ୍ୟଶୈଳୀ ଆଦି ଅନୁଧ୍ୟାନ କରିଥିଲେ । ଡାକ୍ତରଖାନାରେ ଡାକ୍ତରମାନଙ୍କ ଡ୍ୟୁଟି ଚାର୍ଟ ଓ ଔଷଧ ମହଜୁଦର ତାଲିକା ଲଗାଯାଇଥିଲା ବେଳେ କେତେଜଣ ଡାକ୍ତର ଡାକ୍ତରଖାନାରେ ଅନୁପସ୍ଥିତ ରହି ନିଜ ସରକାରୀ ବାସଭବନରେ ଘରୋଇ ରୋଗୀ ଦେଖୁଥିବା ବିଧାୟକଙ୍କ ଦୃଷ୍ଟିକୁ ଆସିଥିଲା। ଡାକ୍ତରଖାନାର ବିଭିନ୍ନ ୱାର୍ଡ ବୁଲି ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଔଷଧ ବାହାରୁ କିଣି ଆଣିବା ଲାଗି କୁହାଯାଉଥିବା, ସେବିକାମାନେ ଉତ୍ତମ ବ୍ୟବହାର ଦେଖାଉ ନ ଥିବା, ରୋଗୀଙ୍କୁ ଖାଦ୍ୟ ସାମଗ୍ରୀ ପ୍ରଦାନର ପାତର ଅନ୍ତର ହେଉଥିବା ଓ ଶୌଚାଳୟ ଅପରିଷ୍କାର ରହୁଥିବା ନେଇ ରୋଗୀ ଅଭିଯୋଗ କରିଥିଲେ । ବିଧାୟକ ପାଢୀ ଏହାର ତୁରନ୍ତ ସମାଧାନ ଲାଗି ଉପସ୍ଥିତ ଥିବା ଡାକ୍ତରଖାନାର ଅଧିକ୍ଷକ ବାଳଗୋପାଳ ବେହେରାଙ୍କୁ ନିର୍ଦ୍ଦେଶ ଦେବା ସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟିକୁ ଆଣିଥିବା ଜଣାପଡିଛି।

# ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ସାଧାରଣ ଅଧିବେଶନ

ଚିକିଟି,୧୧।୭(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏନ୍ଏସି ଅଧ୍ୟକ୍ଷା ଦୀପା କୁମାରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ମୁଖ୍ୟଅତିଥି ଭାବେ ଚିକିଟି ନିର୍ବାଚନମଣ୍ଡଳୀର ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗ ଦେଇଥିଲେ। ଉକ୍ତ ଅଧିବେଶନରେ ଚିକିଟି ତହସିଲଦାର ବଳଦେବ ବେହେରା, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୁଲଦୀପ କୁମାର, ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ମନୋଜ କୁମାର ପାଢ଼ୀ, କେ.ନୂଆଗାଁ ଥାନାଧିକାରୀ କିଶୋର କୁମାର ସାମଲ, କୃଷି ବିଭାଗୀୟ ଅଧିକାରୀ, ମତ୍ସ୍ୟ ଅଧିକାରୀ, ପୂର୍ତ୍ତ, କୋଠାବାଡି, ଗ୍ରାମ୍ୟ ଜଳଯୋଗାଣ, ବିଭାଗୀୟ ଅଧିକାରୀଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ। ଉକ୍ତ ଅଧିବେଶନରେ ପରିଷ୍କାର ଓ ପରିବେଶର ଗୁରୁତ୍ୱ, ଦୀର୍ଘ ଦିନ ଧରି ଲାଗିରହିଥିବା ଚିକିଟି ପେଣ୍ଠ ମୁଖ୍ୟ ବଜାରର ଟ୍ରାଫିକ ସମସ୍ୟା, ରାସ୍ତା ସମ୍ପ୍ରସାରଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜାଗା ମିଶନ, ରାଶନ କାର୍ଡ, ପୋଖରୀର ନବୀକରଣ, ଡ୍ରେନେଜ ସମସ୍ୟା, ଭୂମିହୀନମାନଙ୍କୁ ପଟ୍ଟା ଓ ପାନୀୟ ଜଳ ଉପରେ ଆଲୋଚନା କରାଯାଇଥିଲା।


ଅଧିବେଶନରେ ଉପସ୍ଥିତ ବିଧାୟକ ଓ ଅନ୍ୟ ଅଧିକାରୀ।

## ପୁରୁଷୋତ୍ତମ ପାତ୍ରଙ୍କ ବିୟୋଗରେ ଶୋକସଭା

ରମ୍ଭା,୧୧।୭(ବନବାସୀ ସେଠୀ): ସ୍ଥାନୀୟ କଳିଙ୍ଗ ବୈଶ୍ୟ ଭବନରେ ଓଡ଼ିଶା କଳିଙ୍ଗ ବୈଶ୍ୟ ମହାସଂଘର ପୂର୍ବତନ ସଭାପତି ଇସେଟି ପୁରୁଷୋତ୍ତମ ପାତ୍ରଙ୍କ ବିୟୋଗରେ ଏକ ଶୋକସଭା ଅଞ୍ଚଳର ସଭାପତି ପି.ରାଜେନ୍ଦ୍ର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମହାସଂଘ ସଭାପତି ଟି. କେଦାର ନାଥ ସୁବୁଦ୍ଧି, ଉପସଭାପତି ଟି. ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ସମ୍ପାଦକ ପ୍ରସାଦ ରାଓ ପୃଷ୍ଟି, ଯୁଗ୍ମ ସମ୍ପାଦକ କେ. ସୁରେନ୍ଦ୍ର ପ୍ରସାଦ ସେନାପତି, ଟି. ଗୋପାଳ ଚନ୍ଦ୍ର ସୁବୁଦ୍ଧି, ଟି. ବାପୁଜୀ ସୁବୁଦ୍ଧି ମଞ୍ଚାସୀନ ଥିଲେ। ଏଥିସହ ୧୨ ଗୋଟି ସଂଘର କର୍ମକର୍ତ୍ତା, ମହିଳା ସଂଘ ଓ ଯୁବକ ସଂଘର କର୍ମକର୍ତ୍ତା ଏବଂ କାର୍ଯ୍ୟକାରିଣୀ କମିଟିର ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ରହି ପାତ୍ରଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ମହାସଂଘ ସଭାପତି ଟି. କେଦାର ନାଥ ସୁବୁଦ୍ଧି ତାଙ୍କର କାର୍ଯ୍ୟକାଳ ସମୟରେ କରିଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ସାପ କାମୁଡ଼ାରେ ମହିଳା ମୃତ

ଦିଗପହଣ୍ଡି,୧୧।୭(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ପଞ୍ଚାୟତ ଘାସିଆମ୍ବ ଗ୍ରାମରେ ଗୁରୁବାର ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପ୍ରେମତି ମଣ୍ଡଳ (୨୫) । ପ୍ରେମତିଙ୍କ ସାଢେ ୨ ବର୍ଷର ପୁଅ ରହୁଥିବା ବେଳେ ସ୍ୱାମୀ ଅନୁପ ମଣ୍ଡଳ ବ୍ରହ୍ମପୁରରେ କାମ କରନ୍ତି । ନିଜ ଶାଶୁଘରେ ଶୋଇଥିବା ବେଳେ ଭୋରରେ ଏକ ସାପ ମହିଳାଙ୍କ ବାମ କାନ୍ଧକୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପାଟପୁର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଥିଲେ। ବ୍ରହ୍ମପୁର ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

# ଲଙ୍କେଶ୍ୱରୀ ପାହାଡ଼କୁ ଇକୋ ଟୁରିଜମ୍‌ରେ ସାମିଲ ଦାବି

ଭଞ୍ଜନଗର,୧୧।୭ (ବାବୁଲା ପ୍ରଧାନ):

ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ତରଫରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଲଣ୍ଡା ପାହାଡ଼ଗୁଡ଼ିକୁ ସବୁଜ ବନାନୀ କରିବା ଯୋଜନା ହୋଇଛି। ଏହିଭଳି ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଗାଲେରୀ ରେଞ୍ଜ ଲଙ୍କେଶରୀ ପାହାଡ ଏବଂ ଜଗନ୍ନାଥ ପ୍ରସାଦ ରେଞ୍ଜର ଏକ ପାହାଡ଼କୁ ଚଳିତ ବର୍ଷ ସବୁଜ ବନାନୀ କରିବା ଯୋଜନା ହୋଇଛି। ତେଣୁ ବର୍ତ୍ତମାନ ଲଙ୍କେଶରୀ ପାହାଡ଼ର ୫ ହେକ୍ଟର ଅଞ୍ଚଳରେ ଚାରା ରୋପଣ ଚାଲିଛି। ଏଥିରେ ୮ ହଜାରରୁ ଉର୍ଦ୍ଧ ଚାରାରୋପଣ ହେବ। ତେଣୁ ଗାତ ଖୋଳା ସରିଥିବା ବେଳେ ବର୍ତ୍ତମାନ ଚାରାରୋପଣ ଚାଲିଛି। ପାହାଡ ଉପରେ ଗଛକୁ ପାଣି ଦେବା କଷ୍ଟକର। ତେଣୁ ୧୫୦୦ରୁ ଉର୍ଦ୍ଧ ବଡ ବଡ଼ ଗାତ ଖୋଳାଯାଇଛି। ଉକ୍ତ ଗାତରେ ପାଣି ରହିଲେ ଗଛଗୁଡିକ ସୁରକ୍ଷିତ ରହିପାରିବ। ବର୍ତ୍ତମାନ ରେଞ୍ଜର ଆଶାଲତା ଦିଗାଲ, ବନପାଳ ଶୁଭସ୍ମିତା ପାତ୍ର, ବନରକ୍ଷୀ ପ୍ରମୁଖ ଯୋଜନାକୁ ସଫଳ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ଭଞ୍ଜନଗର ଦଶପଲ୍ଲା ଜାତୀୟ ରାଜପଥ ରାସ୍ତାର ତିଳିସିଙ୍ଗି ନିକଟରେ ଏହି ପାହାଡ଼ ଅବସ୍ଥିତ। ପାହାଡ ଉପରେ ବହୁବର୍ଷ ହେବ ଲଙ୍କେଶରୀ ଦେବୀଙ୍କ ପୂଜାର୍ଚ୍ଚନା ଚାଲିଛି। ଦୈନନ୍ଦିନ ଉକ୍ତ ପାହାଡ ଉପରକୁ ଲୋକେ ଦେବୀଙ୍କ ଦର୍ଶନ କରିବାକୁ ଯାଉଛନ୍ତି। ସୁନ୍ଦର ଏବଂ ପ୍ରାକୃତିକ ପରିବେଶ ମଧ୍ୟରେ ଜାତୀୟ ରାଜପଥ କଡ଼ରେ ପାହାଡ଼ଟି ଥିବା ଯୋଗୁଁ ତାହାକୁ ଇକୋ ଟୁରିଜିମ (ପରିବେଶ ପର୍ଯ୍ୟଟନ) ଯୋଜନାରେ ସାମିଲ କରିବା ପାଇଁ ଅଞ୍ଚଳବାସୀ ଦାବିକରିଛନ୍ତି। ରାଜ୍ୟ ସରକାର ପରିବେଶ ପର୍ଯ୍ୟଟନର ବିକାଶ ପ୍ରତି ଗୁରୁତ୍ୱ ଦେଉଥିବା ଯୋଗୁଁ ଲଙ୍କେଶରୀ ପାହାଡ଼ ମଧ ଏହି ଯୋଜନାରେ ସାମିଲ କରାଯାଉ। ଉକ୍ତ ପାହାଡ଼ ଠାରୁ କିଛି ଦୂରରେ ଘୁମୁସରର ବୀର ଚକରା ବିଶୋଇଙ୍କ ଘାଟି ଅଛି। ଚକରା ଉକ୍ତ ଘାଟିରେ ରହି ବ୍ରିଟିଶମାନଙ୍କ ବିରୁଦ୍ଧରେ ଲଢେଇ କରୁଥିଲେ। ସେଠାକୁ ମଧ ପର୍ଯ୍ୟଟକ ମାନେ ବୁଲିବାକୁ ଯାଉଛନ୍ତି। ଏନେଇ ତିଳିସିଙ୍ଗି ଗ୍ରାମର ବରିଷ୍ଠ ସାମାଜିକ କର୍ମୀ ପଦ୍ମନାଭ ପ୍ରଧାନ କହିଛନ୍ତି ଯେ ଲଙ୍କେଶରୀ ପାହାଡ଼କୁ ପରିବେଶ ପର୍ଯ୍ୟଟନ ଯୋଜନାରେ ସାମିଲ କରାଗଲେ ଅଂଚଳର ବିକାଶ ହୋଇପାରିବ। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ପଦ୍ମନାଭ ଅନୁରୋଧ କରିଛନ୍ତି। ଡିଏଫଓ ହିମାଂଶୁ ଶେଖର ମହାନ୍ତି କହିଛନ୍ତି ଯେ ସ୍ଥିତି ଅନୁଧ୍ୟାନ କରାଯିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।


ଲଙ୍କେଶରୀ ପାହାଡ଼ରେ ଚାରା ରୋପଣ ଚାଲିଛି।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା




ରମ୍ଭା,୧୧।୭(ବନବାସୀ ସେଠୀ)

ସୁବଳୟା ଗୋପାଳ କୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅବସରପ୍ରାପ୍ତ କର୍ମଚାରୀ ଗୋଲକ ସାହୁଙ୍କ ବିଦାୟ ସମ୍ବର୍ଦ୍ଧନା ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ମୁଖ୍ୟବକ୍ତା ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଦୀପକ ଫର୍ଟିଲାଇଜର ଜି. ଏମ୍ ରବୀନ୍ଦ୍ର କୁମାର ମହାନ୍ତି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ନାହାକ, ରାଜେନ୍ଦ୍ର କୁମାର ସେନାପତି, ଜବାହରଲାଲ ନାୟକ, ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶିକ୍ଷକ ଗଣେଶ ଚନ୍ଦ୍ର ବେହେରା, ଅବସରପ୍ରାପ୍ତ ସ୍କୁଲ ସମୂହ ପରିଦର୍ଶକ ରବୀନ୍ଦ୍ର କୁମାର ସାହୁ, ସଂସ୍କୃତ ଶିକ୍ଷକ ବିଜୟ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇ ଗୋଲକ ସାହୁଙ୍କ ଦୀର୍ଘ ୩୦ ବର୍ଷ ଧରି ଉକ୍ତ ବିଦ୍ୟାଳୟରେ ଉତ୍ସର୍ଗୀକୃତ ସେବା ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ। କାର୍ଯ୍ୟକ୍ରମ ପୂର୍ବରୁ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱାଗତିକା ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରମାନେ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# କାଳଷଣ୍ଢପୁର-ଢଉଗାଁ ରାସ୍ତା ମରଣଯନ୍ତା



ଧରାକୋଟ,୧୧।୭(ବିଷ୍ଣୁ କେଶରୀ ଆଚାର୍ଯ୍ୟ):

୫୯ନଂ. ଜାତୀୟ ରାଜପଥର କାଳଷଣ୍ଢପୁର ଠାରୁ ଢଉଗାଁ ପର୍ଯ୍ୟନ୍ତ ୩ କିମି ରାସ୍ତା ମରଣଯନ୍ତା ପାଲିଟିଛି । ଏହି ରାସ୍ତା ଦେଇ ବହୁ ଭାରିଯାନ ଯାତାୟତ କରୁଥିବା ବେଳେ ସୋରଡ଼ା-ବ୍ରହ୍ମପୁର, ଆସିକା-ଶେରଗଡ଼, ଦିଗପହଣ୍ଡି -ଆସିକା, ବଡ଼ଗଡ଼-ଆସିକା, ଦାରିଙ୍ଗବାଡି-ବ୍ରହ୍ମପୁରକୁ ଅନେକ ବସ ଚଳାଚଳ କରୁଛି। ଏଥିସହ ଦୈନିକ ଶତାଧିକ ଦୁଇଚକିଆ, ଚାରିଚକିଆ ଏବଂ ଅଟୋ ଆଦି ଯା'ଆସ କରୁଛି। ବିଶେଷକରି କାଳଷଣ୍ଢପୁର ଠାରୁ ଗୋଲା ଦାମୋଦରପଲ୍ଲୀ ପର୍ଯ୍ୟନ୍ତ ରାସ୍ତା ଦୀର୍ଘଦିନ ଧରି ନିର୍ମାଣ ହୋଇ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାସାରା ବଡ଼ ବଡ଼ ଖାଲଖମା ହୋଇଥିବାରୁ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ନେଇଥିବା କମ୍ପାନୀ ଦୀର୍ଘ ୪ ବର୍ଷ ହେଲା କାମ କରୁଥିଲେ ମଧ ସମ୍ପୂର୍ଣ୍ଣ ହେଉନି। କାର୍ଯ୍ୟ ବିଳମ୍ବ ପାଇଁ ଜାତୀୟ ରାଜପଥ ବିଭାଗର ପଦାଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ଚୁପ ରହିବା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସାଧାରଣ ଲୋକଙ୍କ ଜୀବନ ରକ୍ଷା ପାଇଁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ଯଥାଶୀଘ୍ର ରାସ୍ତା କାମ ସାରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ତମ୍ବୁ ତଳେ ବିତୁଛି କୁନ୍‌ମୁନ୍‌ଙ୍କ ପରିବାର

■ନା ଅଛି ବାସଗୃହ, ନା ଅଛି ଚାଷଜମି
■ତମ୍ବୁ ହଟାଇବାକୁ ପ୍ରଶାସନର ନିର୍ଦ୍ଦେଶ

ଗଞ୍ଜାମ,୧୧।୭(ବିଦ୍ୟାଧର ସାହୁ): ଗଞ୍ଜାମ ଏନ୍ଏସି ଅନ୍ତର୍ଗତ ୱାର୍ଡ ନମ୍ବର ୩ ବଜାର ଗୌଡ଼ ସାହି ସ୍ଥିତ ଏକ ରାସ୍ତା କଡ଼ ପୋଖରୀ ହୁଡ଼ାରେ କୁନମୁନ ପ୍ରଧାନ ଓ ତାଙ୍କ ପରିବାର ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ହେବ ତମ୍ବୁ ଟାଣି ସେଠାରେ ରହୁଛନ୍ତି। ପରିବାର କହିଲେ ରୋଗୀଣା ସ୍ତ୍ରୀ ଗୀତାଞ୍ଜଳି ଓ ଝିଅ ଲକ୍ଷ୍ମୀ। କୁନମୁନ ପେସାରେ ଜଣେ ରଙ୍ଗ ମିସ୍ତ୍ରି। ରଙ୍ଗ କାମ କରି ଯେଉଁ ଦୁଇ ପଇସା ରୋଜଗାର କରନ୍ତି ସେଥିରେ ପରିବାର ପ୍ରତିପୋଷଣ ସହ ସ୍ତ୍ରୀଙ୍କ ମେଡିସିନ ସହ ପୁଣି ଝିଅର ପାଠ ପଢା ଖର୍ଚ୍ଚ। କାମ ସବୁ ବେଳେ ମିଳୁ ନ ଥିବାରୁ ପ୍ରାୟ ସମୟ ପୂରା ପରିବାରକୁ ଭୋକରେ ବି ରହିବାକୁ ପଡେ। ଝଡ ବର୍ଷା ହେଲେ ରାତି ସାରା ଅନିଦ୍ରା ବି ରହିବାକୁ ପଡ଼େ। ଏଭଳି ପରିସ୍ଥିତିରେ ନିଜସ୍ୱ ଜାଗା ନ ଥିବାରୁ ଆବାସ ଯୋଜନାରୁ ବାଦ୍ ପଡିଛନ୍ତି। ଜାଗା କିଣି ଘରଟେ କରିବା କୁନମୁନଙ୍କ ପାଇଁ ସମ୍ଭବ ନୁହେଁ। ଘରଟିଏ ଯୋଗାଇଦେବା ପାଇଁ ଦୀର୍ଘ ୮ ବର୍ଷରୁ ଅଧିକ ହେବ ଗଞ୍ଜାମ ଏନ୍ଏସି ଓ ତହସିଲ କାର୍ଯ୍ୟାଳୟକୁ ଦୌଡିବା ସହ ଛତ୍ରପୁର ଜିଲାପାଳଙ୍କୁ ଜଣାଇଥିଲେ ମଧ କିଛି ସୁଫଳ ମିଳି ନ ଥିବା କୁନମୁନ କହିଛନ୍ତି। ବର୍ତ୍ତମାନ ଗଞ୍ଜାମ ଏନ୍ଏସି ପକ୍ଷରୁ ପୋଖରୀ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଥିବାରୁ କୁନମୁନ ରହିଥିବା ଘରକୁ ଭାଙ୍ଗିବା ପାଇଁ ଏନ୍ଏସି ତରଫରୁ ନୋଟିସ ଜାରି ହୋଇଛି। ଏହାକୁନେଇ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି କୁନମୁନ ଓ ତାଙ୍କ ପରିବାର। ସୂଚନାନୁସାରେ, କୁନମୁନ ୨୦୧୭ରେ ତତ୍କାଳୀନ ଜିଲାପାଳଙ୍କୁ ଭେଟି ଅଭିଯୋଗ ଶୁଣାଣିରେ ନିଜର ସମସ୍ୟା ଜଣାଇଥିଲେ। ସମସ୍ୟାର ସମାଧାନ ପାଇଁ ଜିଲାପାଳ ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଲୁକ୍ ଆଟ୍ ଦି ମ୍ୟାଟର ନୋଟିସ ପଠାଇଥିଲେ। ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଚିଠି ନମ୍ବର ୩୫୮୦/୨୦୧୭ ଜିଲାପାଳଙ୍କ ପିପି ସେଲ୍ କାର୍ଯ୍ୟାଳୟ ଓ ଚିଠି ନମ୍ବର ୪୮୪୯/୨୦୧୭ ଅବଗତ ନିମନ୍ତେ ପ୍ରେରଣା ବି କରିଥିଲେ। କିନ୍ତୁ ଇତି ମଧ୍ୟରେ ୮ ବର୍ଷ ବିତିଯାଇଥିଲେ ସୁଦ୍ଧା ବର୍ତ୍ତମାନ ଯାଏ କୁନମୁନଙ୍କୁ ସ୍ଥାୟୀ ଭାବରେ ଅବସ୍ଥାପିତ କରାଯାଇନାହିଁ। ତେଣୁ ପ୍ରଶାସନ ତରଫରୁ ତାଙ୍କୁ ଥଇଥାନ କରା ନ ଗଲେ ସେ ନିଜ ପରିବାର ସହ ଆତ୍ମହତ୍ୟା କରିବେ ବୋଲି କହିଛନ୍ତି। କୁନମୁନଙ୍କ ପରିବାରକୁ ଆଇନ ଅନୁସାରେ ଥଇଥାନ କରିବା ପାଇଁ ସ୍ଥାନୀୟବାସୀ ଦାବି କରିଛନ୍ତି। ଏନେଇ ଗଞ୍ଜାମ ତହସିଲଦାର ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ନିୟମାନୁଯାୟୀ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି।


ତମ୍ବୁ ତଳେ ରହିଥିବା କୁନମୁନ ପରିବାର।

## ଗଞ୍ଜାମ ପାଇଁ ବରଦାନ ସାଜିବ ହେନ୍ତାଳ

ବ୍ରହ୍ମପୁର,୧୧।୭(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲା ସବୁବେଳେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ୧୯୯୯ ଅକ୍ଟୋବର ଜିଲା ପାଇଁ ବଡ ବିପର୍ଯ୍ୟୟ ଆଣିଥିଲା। ୨୦୧୩ରେ ଫାଇଲିନ ବାତ୍ୟା ପୁଣି ଦାଉ ସାଧିଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ପ୍ରଦାନ ନେଇ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା। କିନ୍ତୁ ସମୁଦ୍ର ଉପକୂଳବର୍ତ୍ତୀ ଅଧିବାସୀମାନେ ଫାଇଲିନ ବାତ୍ୟାରେ ନିଜର ଧନ ଜୀବନ ହରାଇଥିଲେ। ବିଶେଷ କରି ସମୁଦ୍ର ଉପକୂଳବାସୀ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବେଶୀ ପ୍ରଭାବିତ ହେଉଥିବାରୁ ସେମାନଙ୍କ ସୁରକ୍ଷା ପାଇଁ ସରକାରଙ୍କ ଚିନ୍ତା ବଢ଼ିଥିଲା। ପରେ ପରେ ତିତ୍ଲି, ହୁଡହୁଡ ଓ ଫନି ଭଳି ବାତ୍ୟା ହୋଇଥିଲେ ବି ଜିଲାରେ ସେତେଟା ପ୍ରଭାବ ପଡି ନ ଥିଲା। ତଥାପି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ସମୁଦ୍ର ଉପକୂଳବର୍ତ୍ତୀ ଅଧିବାସୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କୁ ଥଇଥାନ ମଧ୍ୟ କରାଯାଇଛି। କିନ୍ତୁ ଜିଲାର ଗଞ୍ଜାମ ବ୍ଲକ ପୋଡମପେଟା ଓ ଚିକିଟି ବ୍ଲକ ସୁନାପୁର ଭଳି ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଜଳବାୟୁ


ପୁରୁଣାବନ୍ଧରେ ଲଗାଯାଇଥିବା ହେନ୍ତାଳ ଚାରା।

ପରିବର୍ତ୍ତନର ପ୍ରଭାବରେ ସମୁଦ୍ର ମୁହାଁଣ ଖାଉଥିବା ନେଇ ଏବେ ଆଉ ଏକ ସମସ୍ୟା ମୁଣ୍ଡ ଟେକିଛି।
ଜିଲାର ଗଞ୍ଜାମ ବ୍ଲକ ଅନ୍ତର୍ଗତ ଗାରାମପେଟାଠାରେ ସମୁଦ୍ର ଜୁଆରରେ ମୁହାଣ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଜିଲା ପ୍ରଶାସନ ପକ୍ଷରୁ ସେଠାକାର ଲୋକଙ୍କୁ ଓଡିଆରପି ଯୋଜନାରେ ଥଇଥାନ କରାଯାଇଛି। କିନ୍ତୁ ସମୁଦ୍ର ମୁହାଣ ଖାଉଥିବା କ୍ଷେତ୍ରରେ ଆଜି ଯାଏଁ କୌଣସି ପଦକ୍ଷେପ ସଫଳ ହୋଇ ନାହିଁ। ବର୍ତ୍ତମାନ ବ୍ରହ୍ମପୁର ବନ ବିଭାଗ ଅଧୀନ ଇସିଆରଆଇସିସି (ଏକ୍ରିକ) ପ୍ରକଳ୍ପ ପକ୍ଷରୁ ହେନ୍ତାଳ ବଣ ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଇଛି। ବନ ବିଭାଗ ପକ୍ଷରୁ ଖଲ୍ଲିକୋଟ ରେଞ୍ଜ ଅଧୀନ ପୁରୁଣାବନ୍ଧ ଓ ଗୋଖରକୁଦା ଅଞ୍ଚଳରେ ୬ ହେକ୍ଟର ଜାଗାରେ ହେନ୍ତାଳ ଚାରା ଲଗାଯାଇଛି। ଏଠାରେ ଫିସ ବନ୍ଧ କେନାଲ ହେବ। ଜୁଲାଇରୁ ଏହାର ପ୍ରକ୍ରିୟା ଆରମ୍ଭ ହୋଇଛି। ୬ଟି ଚାରା ପ୍ରଜାତିରୁ ସିଙ୍ଗଳ ବନି ବୃକ୍ଷ ଭଲ ବଢୁଛି। ଯାହାକି କାଦୁଆ ମାଟି ପରିବର୍ତ୍ତେ ଅଳ୍ପ କାଦୁଆ ଓ ବାଲି ମାଟିରେ ଭଲ ଭାବରେ ବଢ଼ିପାରିବ ବୋଲି ସର୍ଭେରୁ ଜଣାପଡିଛି। ଏହା ୪୦ ପିପି ଲୁଣାପାଣି ସହ୍ୟ କରିପାରୁଛି ବୋଲି ଏକ୍ରିକ ଜିଲା କୋ-ଅର୍ଡିନେଟର ରଞ୍ଜନ କୁମାର ଭୋଇ କହିଛନ୍ତି। ବାଲେଶ୍ୱର ଓ କେନ୍ଦ୍ରପଡାରୁ ଏହାର ଚାରା ଅଣାଯିବ। ଖୁବଶୀଘ୍ର ଏହାର ବନୀକରଣ କରାଯିବ ବୋଲି ସେ କହିଛନ୍ତି। ଏଥିପୂର୍ବରୁ ବନ ବିଭାଗ ପକ୍ଷରୁ ଏକ ୧୦ ଜଣିଆ ଟିମ ପ୍ରଶିକ୍ଷଣ ପାଇଁ କେନ୍ଦ୍ରାପଡା ଯାଇଥିଲେ। କେନ୍ଦ୍ରପଡା ରାଜନଗରରୁ ଏକ ଟେକନିକାଲ ଟିମ ଆସି ଜିଲାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ପରିଦର୍ଶନ କରିଛନ୍ତି। ବର୍ତ୍ତମାନ ବନ ବିଭାଗ ପକ୍ଷରୁ ପୁରୁଣାବନ୍ଧ ଅଞ୍ଚଳରେ ପ୍ରଥମ ପର୍ଯ୍ୟାୟରେ ୧୫ହଜାର ହେନ୍ତାଳ ବୃକ୍ଷ ରୋପଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହା ଯଦି ସଫଳ ହୁଏ ଗଞ୍ଜାମ ଜିଲା ପାଇଁ ବରଦାନ ସାଜିବ। ଏଠାରେ ସଫଳ ପରେ ଜିଲାର ସୋନପୁରଠାରେ ମଧ୍ୟ ହେନ୍ତାଳ ବୃକ୍ଷ ରୋପଣ କରାଯିବ। ଫଳରେ ପ୍ରାକୃତିକ ବିପର୍ଯ୍ୟୟ ଓ ସମୁଦ୍ର ମୁହାଣକୁ ସୁରକ୍ଷା ଦିଗରେ ଏହା ବିଶେଷ ସହାୟକ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଜିଲାରେ ହେନ୍ତାଳ ବଣ ସୃଷ୍ଟି ପାଇଁ ରାଜ୍ୟ ସରକାର ଓ ବନ ବିଭାଗ ପକ୍ଷରୁ ବହୁବାର ଯୋଜନା କରାଯାଇଛି। କିନ୍ତୁ ଯୋଜନାର ସଫଳ ରୁପାୟନ ହୋଇ ନ ଥିବା ପରିବେଶବିତମାନେ ମତ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ୩ ଚୋରି ମୋବାଇଲ ଉଦ୍ଧାର, ଯୁବକ ଗିରଫ

ବ୍ରହ୍ମପୁର,୧୧।୭(ସୁବାସ ଚନ୍ଦ୍ର ପାଢ଼ୀ)

ଗୋସାଇଁନୂଆଗାଁ ଥାନା ପୋଲିସ ଜଣେ ମୋବାଇଲ ଲୁଟିଆଙ୍କୁ ଗିରଫ କରିଛି । ତାଙ୍କ ନିକଟରୁ ୩ ଚୋରି ମୋବାଇଲ ଫୋନ୍ ଉଦ୍ଧାର ହୋଇଛି । ଗିରଫ ଯୁବକ ଜଣକ ହେଲେ ନିମଖଣ୍ଡି ନୂଆସାହିର ଶୁଭମ ଚୌଧୁରୀ । ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ବ୍ରହ୍ମପୁର ରେଳଷ୍ଟେସନର ରାମଲିଙ୍ଗେଶ୍ୱର ମନ୍ଦିର ନିକଟରେ ଅଟୋଚାଳକ ମିଟୁ ସାହୁ ନିଜର ଅଟୋ ରଖିଥିଲେ। ଅଟୋ ଭିତରେ ସେ ମୋବାଇଲ ରଖି ପୂଜା କରିବାକୁ ଯାଇଥିଲେ। କିଛି ସମୟ ପରେ ସେ ସେଠାକୁ ଫେରିଥିଲେ। ହେଲେ ସେ ଅଟୋ ଭିତରେ ରଖିଥିବା ମୋବାଇଲଟି ଗାଏବ ହୋଇଯାଇଥିଲା। ଏ ନେଇ ମିଟୁ ଗୋସାଇଁନୂଆଗାଁ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ଶୁଭମଙ୍କୁ କାବୁ କରିଥିଲା । ଜେରା ବେଳେ ଶୁଭମ ବିଭିନ୍ନ ସ୍ଥାନରୁ ମୋବାଇଲ ଚୋରି କରିଥିବା ଜଣାପଡିଥିଲା । ସେ ଜଣେ ପେସାଦାର ମୋବାଇଲ ଲୁଟିଆ ବୋଲି ପୋଲିସ ସୂଚନା ଦେଇଛି। ପୋଲିସ ତା' ନିକଟରୁ ୩ ଟି ଚୋରି ମୋବାଇଲ ଜବତ କରିଥିବା ପୋଲିସ କହିଛି। ।

### ଯୁବତୀଙ୍କୁ ଅସଦାଚରଣ, ଜଣେ ଗିରଫ

ବ୍ରହ୍ମପୁର,୧୧।୭ (ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଯୁବତୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଗୋସାଇଁନୂଆଗାଁ ଥାନା ପୋଲିସ କରାପଲ୍ଲୀର କେ. ମୂରଲୀ ସେଠୀ(୩୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୩ ତାରିଖ ମୂରଲୀ ଜଣେ ଯୁବତୀଙ୍କୁ ରାସ୍ତା ଉପରେ ଅସଦାଚରଣ କରିଥିଲେ। ପିଡିତା ଏନେଇ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ପରେ ଅଭିଯୁକ୍ତ ମୁରଲୀଙ୍କୁ କାବୁ କରିଥିଲେ।

## ମାଷ୍ଟରମାଇଣ୍ଡ ଦମ୍ପତି ସମେତ ୬ ଗିରଫ

### ମୋବାଇଲ ଦୋକାନରୁ ଚୋରି ଘଟଣା


ମାଷ୍ଟର ମାଇଣ୍ଡ ସହ ଗିରଫ ୬ ଅଭିଯୁକ୍ତ।

ବ୍ରହ୍ମପୁର,୧୧।୭(ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ଲୋଚାପଡା ମୁଖ୍ୟ ରାସ୍ତାରେ ଥିବା ଏକ ମୋବାଇଲ ଦୋକାନରେ ଲୁଟିଆ ଗ୍ୟାଙ୍ଗ ଗତ ୭ ତାରିଖରେ କଳାକାନା ବୁଲାଇଥିଲେ। ମିଳିଥିବା ସିସିଟିଭି ଫୁଟେଜ ଆଧାରରେ ପୋଲିସ ୭ଜଣିଆ ଲୁଟିଆ ଗ୍ୟାଙ୍ଗକୁ ଠାବ କରିଛି। ୬ଜଣଙ୍କୁ ବାନ୍ଧିଥିବା ବେଳେ ଜଣେ ଫେରାର ଅଛନ୍ତି। ସେଥିରେ ଜଣେ ନାବାଳକଙ୍କ ସମ୍ପୃକ୍ତି ଥିବା ଜଣାପଡିବା ପରେ ପୋଲିସ ବୁଧବାର ତାଙ୍କୁ ଧରି ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଥିଲେ। ପରେ ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଅନ୍ୟ ୫ଜଣ ତଥା ମାଷ୍ଟର ମାଇଣ୍ଡ ଗଜପତି ଜିଲା ମୋହନା ଥାନା ଚାନ୍ଦିପୁଟର ଲକ୍ଷ୍ମୀ ମହାରଣା(୨୫), ତାଙ୍କ ସ୍ୱାମୀ ଶିବରାମ ପାତ୍ର(୨୬), ବଡ଼ବଜାର ଥାନା ଧାନମେରା ସାହିର ଚନ୍ଦ୍ରଶେଖର ବେହେରା ଓରଫ ଗାଣ୍ଡୁ (୨୧), ରତୁ ରଞ୍ଜନ ଲିମେଇ (୩୦), ପତାଳେଶ୍ୱର ମନ୍ଦିର ସାହିର ଆର୍ଯ୍ୟନ ଗୌଡ଼(୧୮)ଙ୍କୁ ମାମଲା ନଂ. ୧୯୮/୨୪ ରେ ବୁଧବାର କୋର୍ଟ ଚାଲାଣ କରାଯାଇଛି। ପୋଲିସ ସେମାନଙ୍କ ନିକଟରୁ ୨୪ ମୋବାଇଲ ଓ ୫ହଜାର ଟଙ୍କା ଜବତ କରିଛି। ଫେରାର ଅଭିଯୁକ୍ତ କମଳ କୁମାର ଗୌଡ଼ଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଲୋଚାପଡା ଗଣେଶ ବଜାରର ଶ୍ରୀକାନ୍ତ ସାହୁଙ୍କ ଲୋଚାପଡା ମୁଖ୍ୟ ରାସ୍ତାରେ ଏକ ମୋବାଇଲ ଦୋକାନ ରହିଛି । ଶନିବାର ରାତି ପ୍ରାୟ ୧୦ ଟାରେ ଶ୍ରୀକାନ୍ତ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ । ବିଳମ୍ବିତ ରାତିରେ ୪ ଯୁବକ ସେହି ଦୋକାନର ତାଲା ଭାଙ୍ଗି ଭିତରକୁ ପଶିଥିଲେ । ଯୁବକମାନେ ଦୋକାନ ଭିତରେ ଥିବା ଡ୍ରଏରରୁ ନଗଦ ପ୍ରାୟ ୧ ଲକ୍ଷ ଟଙ୍କା ସହ ୨୦ରୁ ୨୫ ଦାମୀ ମୋବାଇଲ ଫୋନ ଏବଂ ମୋବାଇଲର ବିଭିନ୍ନ ସାମଗ୍ରୀ ଚୋରି କରି ନେଇଯାଇଥିଲେ । ଯାହାର ମୂଲ୍ୟ ପ୍ରାୟ ୪ଲକ୍ଷ ହେବ ବୋଲି ମାଲିକ ଶ୍ରୀକାନ୍ତ କହିଛନ୍ତି। ସକାଳୁ ଖବରପାଇ ସେ ଦୋକାନକୁ ଆସି ତାଲା ଭଙ୍ଗାଯାଇ ଚୋରି ହୋଇଥିବା ଦେଖିଥିଲେ । ଦୋକାନ ବାହାରେ ଓ ଭିତରେ ଲାଗିଥିବା ସିସିଟିଭି କ୍ୟାମେରାରୁ ୪ ଜଣ ଯୁବକ କିଭଳି ତାଲା ଭାଙ୍ଗିବା ପରେ ଟଙ୍କା ଓ ସାମଗ୍ରୀ ଚୋରି କରିଛନ୍ତି ଓ ବାହାରେ ଜଣେ ଯୁବତୀ ଥିବା ସେ ଜାଣିବାକୁ ପାଇଥିଲେ। ଘଟଣାକୁ ନେଇ ଶ୍ରୀକାନ୍ତ ନିମଖଣ୍ଡି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏବଂ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଥିଲେ ।


କୋର୍ଟପେଟା, ଉତ୍ତରେଶ୍ୱର ଓ ବଡ ଜଗନ୍ନାଥଙ୍କ ନୃସିଂହ ବେଶ।

## ଲାଞ୍ଚ ଗ୍ରହଣ ମାମଲା, ଅଭିଯୁକ୍ତ କୋର୍ଟରେ ହାଜର

ବ୍ରହ୍ମପୁର, ୧୧।୭(ସୁବାସ ଚନ୍ଦ୍ର ପାଢ଼ୀ)

ଲାଞ୍ଚ ଗ୍ରହଣ ବେଳେ ଗିରଫ ହୋଇଥିବା କେନ୍ଦ୍ରୀୟ ଜିଏସଟି ସୁପରିଣ୍ଟେଣ୍ଡେଣ୍ଟ ମନୋଜ କୁମାର ସୁବୁଦ୍ଧିଙ୍କୁ ଭୁବନେଶ୍ୱର ସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟ ଚାଲାଣ କରାଯାଇଛି। ବୁଧବାର ଅନନ୍ତନଗର ସ୍ଥିତ କେନ୍ଦ୍ରୀୟ ଜିଏସଟି ଅଫିସରେ ସିବିଆଇର ଏକ ଟିମ ଚଢ଼ାଉ କରିଥିଲା। ଜଣେ ଠିକାଦାରଙ୍କ ଠାରୁ ୧୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସିବିଆଇ ଟିମ ସିଜିଏସଟି ସୁପରିଣ୍ଟେଣ୍ଡେଣ୍ଟ ସୁବୁଦ୍ଧିଙ୍କୁ କାବୁ କରିଥିଲା। ସୂଚନା ଅନୁସାରେ ଜଣେ ଠିକାଦାରଙ୍କ ୧ ଲକ୍ଷ ୭୭ ହଜାର ଟଙ୍କାର ଏକ ଟିଡିଏସ ରିଫଣ୍ଡ କରିବାକୁ ଥିଲା। ଏହା ସହିତ ଆଉ ଏକ ୩ଲକ୍ଷ ଟଙ୍କାର ଜିଏସଟି ରିଫଣ୍ଡ ଫାଇଲ କାମ କରିବା ପାଇଁ ସେ ଟଙ୍କା ଦାବି କରିଥିଲେ। ବୁଧବାର ଠିକାଦାର ଜଣଙ୍କ ଲାଞ୍ଚ ବାବଦ ୧୫ହଜାର ଟଙ୍କା ନେଇ ଅନନ୍ତନଗର ସ୍ଥିତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଠିକାଦାରଙ୍କ ଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ସିଜିଏସଟି ସୁପରିଣ୍ଟେଣ୍ଡେଣ୍ଟ ସୁବୁଦ୍ଧିଙ୍କୁ ସିବିଆଇ ଟିମ କାବୁ କରିଥିଲା। ଚଢ଼ାଉ ସମୟରେ ସିବିଆଇ ଟିମ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲା। ଏ ଦିଗରେ ସିବିଆଇ ଅଧିକ ଅନୁସଂଧାନ ଜାରି ରଖିଥିବା ଏକ ପ୍ରେସ ବାର୍ତ୍ତାରେ ସୂଚନା ଦିଆଯାଇଛି।

## ସମୁଦିଙ୍କୁ ମରଣାନ୍ତକ ଆକ୍ରମଣ କରି ଗିରଫ

ବ୍ରହ୍ମପୁର,୧୧।୭(ସୁବାସ ଚନ୍ଦ୍ର ପାଢ଼ୀ)

ନିଜ ସମୁଦିଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ବଡବଜାର ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ଲକ୍ଷ୍ମୀନୃସିଂହ ସାହିର ହରିପ୍ରସାଦ ପାତ୍ର(୬୦) । ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ବରଗଡ ଜିଲାର ଅଶୋକ କୁମାର ପାତ୍ରଙ୍କ ପୁତୁରା ଶୁଭମ ପାତ୍ର କିଛି ବର୍ଷ ତଳେ ହରିପ୍ରସାଦଙ୍କ ଝିଅଙ୍କୁ ବିବାହ କରିଥିଲେ । ବିବାହ ପରେ ଶୁଭମଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା । ଏହାପରେ ହରିପ୍ରସାଦ ବରଗଡ ଯାଇ ତାଙ୍କ ଝିଅ ଓ ନାତିକୁ ବ୍ରହ୍ମପୁର ନେଇ ଆସିଥିଲେ । ହେଲେ ଅନେକ ଦିନ ଯାଏଁ ବୋହୂ ଘରକୁ ନ ଫେରିବାରୁ ଅଶୋକ ସମୁଦି ହରିପ୍ରସାଦଙ୍କୁ ଫୋନ କରିଥିଲେ। ହେଲେ କୌଣସି ଉତ୍ତର ମିଳିନଥିଲା । ଫଳରେ ଅଶୋକ ଗତ ମେ ମାସରେ ନିଜ ବୋହୂ ଓ ନାତିକୁ ଫେରାଇ ନେବା ଉଦ୍ଦେଶ୍ୟରେ ବ୍ରହ୍ମପୁର ସ୍ଥିତ ନିଜ ସମୁଦି ଘରକୁ ଆସିଥିଲେ । ହେଲେ ସମୁଦି ଘର କବାଟ ଖୋଲିନଥିଲେ । ଏପରିକି ୩ ଲକ୍ଷ ଟଙ୍କା ଦେଲେ ଯାଇ ବୋହୂ ଓ ନାତିକୁ ନେବ ବୋଲି ହରିପ୍ରସାଦ କହିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ପରେ ଅଭିଯୁକ୍ତ ହରିପ୍ରସାଦ ନିଜ ସମୁଦି ଅଶୋକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଗୁରୁତର ଅଶୋକ ଏମକେସିଜି ମେଡିକାଲକୁ ଯାଇ ଚିକିତ୍ସିତ ହୋଇଥିଲେ । ସେଠାରୁ ରେଫେର ହୋଇ ଭୁବନେଶ୍ୱର ଓ ପରବର୍ତ୍ତୀ ସମୟରେ ବୁର୍ଲା ମେଡିକାଲକୁ ଯାଇ ଚିକିତ୍ସିତ ହୋଇଥିଲେ । ସୁସ୍ଥହେବା ପରେ ଅଶୋକ ବ୍ରହ୍ମପୁର ଆସି ଘଟଣା ସମ୍ପର୍କରେ ବଡବଜାର ଥାନାରେ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ.୨୩୬/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ପରେ ହରିପ୍ରସାଦଙ୍କୁ ଗିରଫ କରିଥିଲା।

## ଉପନିବନ୍ଧକ କାର୍ଯ୍ୟାଳୟ ଉଦ୍‌ଘାଟନ କଲେ ବିଧାୟକ

ଜଗନ୍ନାଥପ୍ରସାଦ,୧୧।୭(ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥପ୍ରସାଦ ତହସିଲଦାର କାର୍ଯ୍ୟାଳୟ ପରିସରର ଗୁରୁବାର ଉପନିବନ୍ଧକ ଏବଂ ବିବାହ ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ କରକମଳରେ ଉଦ୍‌ଘାଟିତ ହୋଇଛି। ଶୁକ୍ରବାରଠାରୁ ତହସିଲଦାରଙ୍କ କାର୍ଯ୍ୟାଳୟ ପରିସରରେ ଏହା ଅସ୍ଥାୟୀ ଭାବେ କାର୍ଯ୍ୟ କରିବ। ଏହି ଉଦ୍‌ଘାଟନୀ ସଭାରେ ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠି, ସ୍ଥାନୀୟ ତହସିଲଦାର ଅଶୋକ କୁମାର ମୁଦୁଲି, ବୟଜ୍ୟେଷ୍ଠ ରାଜନୀତିଜ୍ଞ ସୂର୍ଯ୍ୟ ନାରାୟଣ ନାୟକ, ଆଇନଜୀବୀ ନିରାକାର ସାହୁ, ଆଲୋକ କୁମାର ରଥ, ନୀଳାଞ୍ଚଳ ଖିଲାର, ଅଶୋକ କୁମାର ପ୍ରଧାନ, ହରିହର ନାୟକ, ବିକାଶ ରଞ୍ଜନ ବେହେରା, ପ୍ରଶାନ୍ତ କୁମାର ପାତ୍ର, ଦନାର୍ଦ୍ଦନ ପ୍ରଧାନ ପ୍ରମୁଖ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଏହି ବ୍ଲକରେ ବିଧାୟକଙ୍କ ଏହା ପ୍ରଥମ ଉଦ୍‌ଘାଟନ ସଭା ହୋଇଥିବାରୁ ବହୁ କର୍ମୀ ଓ ଜନତା ଯୋଗଦେଇଥିଲେ।

## ବିଜେଡି ସମର୍ଥିତ ଜନପ୍ରତିନିଧି ସଂଘର ସ୍ମାରକପତ୍ର

ଦିଗପହଣ୍ଡି,୧୧।୭(ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟରେ ବିଜେଡି ସମର୍ଥିତ ପଞ୍ଚାୟତ ଜନପ୍ରତିନିଧିମାନଙ୍କୁ ଉପେକ୍ଷା କରି ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନଙ୍କ ଇସାରାରେ ସମସ୍ତ କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି। ଗୁରୁବାର ବିଜେଡ଼ି ସମର୍ଥିତ ଜନପ୍ରତିନିଧି ସଂଘର ବହୁ ସଂଖ୍ୟକ ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଦସ୍ୟ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡ଼ିଓ ଡ଼. ଚିତ୍ତରଞ୍ଜନ ଦାସଙ୍କ ସହ ଆଲୋଚନା କରି ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ପଞ୍ଚାୟତ ଅଧିନ ଗ୍ରାମ ଗୁଡିକରେ କରାଯାଉଥିବା ଉନ୍ନୟନ ମୂଳକ କାର୍ଯ୍ୟର ବକେୟା ଅର୍ଥରାଶି ପ୍ରଦାନରେ ବିଳମ୍ବ କରାଯାଉଛି। ପଲ୍ଲୀସଭା କିମ୍ବା ଗ୍ରାମସଭାରେ ଏକତରଫା ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଉଛି। ବିଭିନ୍ନ ଭତ୍ତା ପାଇଁ ଯୋଗ୍ୟ ହିତାଧିକାରୀ ତାଲିକା ପ୍ରସ୍ତୁତିରେ ବିଜେଡ଼ି ସମର୍ଥିତ ସରପଞ୍ଚ, ସମିତିସଭ୍ୟମାନଙ୍କୁ ଗୁରୁତ୍ୱ ଦିଆଯାଉନାହିଁ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସରକାରଙ୍କ ନୀତି ନିୟମ ପ୍ରକାରେ ସମସ୍ତ ଉନ୍ନୟନ କାର୍ଯ୍ୟ କରାଯାଉଛି ବୋଲି ବିଡିଓ କହିଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଧାନ କହିଛନ୍ତି ସମସ୍ତ ଅଭିଯୋଗ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ସ୍ମାରକପତ୍ର ପ୍ରଦାନ ସମୟରେ ଦିଗପହଣ୍ଡି ବ୍ଲକ ଉପାଧ୍ୟକ୍ଷା ସୁକାନ୍ତି ପ୍ରଧାନ, ଜିଲା ପରିଷଦ ସଦସ୍ୟା ଏମ.ଅନୁସୂୟା ରେଡ୍ଡୀ, ସରପଞ୍ଚ ରଞ୍ଜନ କୁମାର ସାହୁ, ମନୋରଞ୍ଜନ ଗୌଡ଼, ଫନିନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ସରପଞ୍ଚ ପ୍ରତିନିଧି ବି.କ୍ରିଷ୍ଣା ରାଓ ସୁବୁଦ୍ଧି, ଏମ.ନିରଞ୍ଜନ ରେଡ୍ଡୀ, ପ୍ରଶାନ୍ତ କୁମାର ପ୍ରଧାନ, କୃଷ୍ଣଚନ୍ଦ୍ର ସେଠୀ, ନକୁଳ ପ୍ରଧାନ, ଚିତ୍ରସେନ ଗୌଡ଼, ଶିଶିର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମହାମାୟୀ କଲେଜ ପକ୍ଷରୁ ବନମହୋତ୍ସବ



ବନମହୋତ୍ସବ କାର୍ଯ୍ୟକ୍ରମରେ କଲେଜର କର୍ମଚାରୀ।

ବ୍ରହ୍ମପୁର,୧୧।୭(ସ୍ୱାଧୀନଶେଖରପାଢ଼ୀ)

ଗୁରୁବାର ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା ମିଳିତ ଆନୁକୂଲ୍ୟରେ ମହାମାୟୀ କଲେଜ ପକ୍ଷରୁ ବନମହୋତ୍ସବ ପାଳିତ ହୋଇଯାଇଛି। ମିନାକ୍ଷୀ ନଗର ନୂତନ କ୍ୟାମ୍ପସରେ କଲେଜ ଅଧ୍ୟକ୍ଷା କବିତା ଶତପଥିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା । କଲେଜ ପରିଚାଳନା କମିଟି ସଭାପତି ପ୍ରଫେସର ଅରୁନ୍ଧତି ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନୂତନ କ୍ୟାମ୍ପସ ପଡିଆରେ ୩୦ରୁ ଅଧିକ ଚାରା ରୋପଣ କରାଯାଇଥିଲା। ପ୍ରଶାସନିକ ଅଧିକାରୀ ଡ.ଜୟନ୍ତୀ ରାଣୀ ପଣ୍ଡା ଆକାଉଣ୍ଟସ ଅଧିକାରୀ ଡ.ସୁବ୍ରତ କୁମାର ପଣ୍ଡା, ରେଡକ୍ରସ କୋଡିନେଟର ଡ.ସ୍ୱର୍ଣ୍ଣଲତା ପଟ୍ଟନାୟକ, ଜାତୀୟ ସେବା ଯୋଜନା ଅଧିକାରୀ ସମିତା ସାହୁ ଏବଂ ସୁନିତା ଜେନା, ସେଲ୍ଫ ଡିଫେନ୍ସ କ୍ଲବ ଅଧିକାରୀ ଡ.ନିବେଦିତା ମହାପାତ୍ର, ଆଶାକିରଣ ପଣ୍ଡାଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ ।

## ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ଚାରାରୋପଣ

ବ୍ରହ୍ମପୁର,୧୧।୭ (ସ୍ୱାଧୀନ ଶେଖରପାଢ଼ୀ)

ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ବୁଧବାର ୭୫ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। 'ଜାତୀୟ ସେବା ଯୋଜନା'(ୟୁନିଟ ୧ ଏବଂ ୨) ଏବଂ 'ୟୁଥ ରେଡ଼ କ୍ରସ'ର ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ଡ. ପ୍ରମିଳା ଖାଡଙ୍ଗା ଚାରାରୋପଣ କରି ଏହାର ଶୁଭାରମ୍ଭ କରିଥିଲେ। ପ୍ରକୃତି ବନ୍ଧୁ ବନମାଳୀ ପ୍ରଧାନ ଅତିଥି ଭାବରେ ଯୋଗଦେଇ ବୃକ୍ଷର ମହତ୍ତ୍ୱ ସମ୍ପର୍କରେ କହିଥିଲେ । କଲେଜ ପରିସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ୫୦ରୁ ଉର୍ଦ୍ଧ୍ୱ ବୃକ୍ଷ ଚାରା ରୋପଣ କରାଯାଇଥିଲା। ଜାତୀୟ ସେବା ଯୋଜନା ୟୁନିଟ-୧ର କାର୍ଯ୍ୟକ୍ରମ ଅଧିକାରୀ ଡ. ରବୀନ୍ଦ୍ର କୁମାର ପଣ୍ଡା ଓ ୟୁନିଟ-୨ ର କାର୍ଯ୍ୟକ୍ରମ ଅଧିକାରୀ ଡ଼.ଶୁଭଶ୍ରୀ ଅପରାଜିତା ଓ ୟୁଥ ରେଡ଼ କ୍ରସର ସଞ୍ଚାଳକ ଡ. ଚିତ୍ତରଞ୍ଜନ ମହାନ୍ତିଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଜାତୀୟ ସେବା ଯୋଜନାର ସମସ୍ତ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

## ଆତଙ୍କ ଖେଳାଇଥିବା କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଗୋପାଳପୁର,୧୧।୭(ନବୀନ ରାଜ ଆଚାରୀ)

ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋଲଥିଗାଁରେ ମେ ୧୩ ତାରିଖରେ ଆତଙ୍କରାଜ ଚଳାଇଥିବା ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଗୋଳନ୍ଥରା ପୋଲିସ ନିକଟରେ ଦାବି କରିଛନ୍ତି। ଗ୍ରାମବାସୀ କହିଛନ୍ତିକି ଉକ୍ତ ଦିନ ଗୋପାଳପୁର ଓ ବ୍ରହ୍ମପୁର ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ଦଳର ନେତାମାନେ କେତେଜଣ ଲୋକଙ୍କ ସହ ଆସି ଗାଁରେ ବୋମା ଫୁଟାଇବା ସହ ଫାଙ୍କା ଗୁଳି ଚଳାଇଥିଲେ। କେତେଜଣ ଘରର କବାଟ ଭାଙ୍ଗି ଦେଇଥିଲେ। ଘରୁ କେହି ନ ବାହାରିବାକୁ ଧମକ ଦେବା ସହ ବାରଣ୍ଡାରେ ଶୋଇଥିବା କେତେଜଣଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଘଟଣା ପରଠାରୁ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ଏ ନେଇ ବୁଧବାର ଗ୍ରାମବାସୀ ଗୋଳନ୍ଥରା ଥାନାରେ ଡାକ ଯୋଗେ ଏକ ପତ୍ର ପଠାଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। କୋଲଥିଗାଁ ସରପଞ୍ଚ ଜଗମୋହନ ପାତ୍ରଙ୍କୁ ପଚାରିବାରେ ସେ କହିଲେ ଯେ, ଏକ ନିର୍ଦ୍ଦିଷ୍ଟ ଦଳ ଓ ସ୍ଥାନୀୟ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ରହିଛି। ବ୍ରହ୍ମପୁର ଏସପି, ଦକ୍ଷିଣାଞ୍ଚଳ ଆଇଜି ଓ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ବି ଅଭିଯୋଗ କରାଯିବ। ଘଟଣାର ନିରପେକ୍ଷ ତଦନ୍ତ କରାଯାଉ ବୋଲି ସେ କହିଛନ୍ତି।

## ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

ବ୍ରହ୍ମପୁର, ୧୧।୭(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବ୍ରହ୍ମାନଗର ଦ୍ୱିତୀୟ ସାରଣୀରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ଜଣକ ଗୋପାଳପୁର ଥାନା ଡୁରା ଗ୍ରାମର ବ୍ୟବସାୟୀ ଅରୁଣ କୁମାର ପାତ୍ର ବୋଲି ପୋଲିସ ସ୍ପଷ୍ଟ କରିଛି। ତାଙ୍କ ଶରୀରରେ କ୍ଷତ ଚିହ୍ନ ରହିଥିବା ମୃତଦେହ ପଞ୍ଚନାମା ବେଳେ ପୋଲିସ ଜାଣିବାକୁ ପାଇଛି। ପୋଲିସ ନଂ.୪୫୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରାଥମିକ ତଦନ୍ତରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଅନୁସାରେ ଯୁବକଙ୍କୁ ଏକ କଠିନ ବସ୍ତୁରେ ଶକ୍ତ ଆଘାତ ଯୋଗୁଁ ହୋଇଥିବା ଜଣାପଡିଛି। ପୋଲିସ ଏଦିଗରେ ଏବେ ତଦନ୍ତ ଜାରି ରଖିଛି। ଉକ୍ତ ଯୁବକ ଜଣଙ୍କ ସେଠାକୁ କିପରି ଆସିଲେ, ତାଙ୍କୁ କେହି ସେଠାକୁ ଡାକି ହତ୍ୟା କରିଛି କି ନାହିଁ ସେ ନେଇ ପୋଲିସ ତା'ର ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ତାଙ୍କର କାହା କାହା ସଙ୍ଗେ ଶତ୍ରୁତା ଥିଲା କି ନାହିଁ ତାହା ପୋଲିସ ଜାଣିବା ପାଇଁ ପ୍ରୟାସ ଜାରି ରଖିଛି। ଗୁରୁବାର ସକାଳେ ଉପରୋକ୍ତ ସାହିରେ ଏକ ମୃତଦେହ ପଡିଥିବା ନେଇ ପୋଲିସକୁ ଖବର ପାଇ ତଦନ୍ତ ଆରମ୍ଭ କରିଥିଲା। ଘଟଣାର ପରିପାର୍ଶିକ ସ୍ଥିତିକୁ ଆଧାର କରି ପୋଲିସ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଜାରି ରଖିଛି।

## ବେସରକାରୀ ଶିକ୍ଷାନୁଷ୍ଠାନ ପାଇଁ ଟ୍ରେଡ୍ ଲାଇସେନ୍ସ ବାଧ୍ୟତାମୂଳକ

ବ୍ରହ୍ମପୁର,୧୧।୭(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ଗୁରୁବାର ଟ୍ୟାକ୍ସ ଫାଇନାନ୍ସ ଓ ଆକାଉଣ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ଚେୟାରମ୍ୟାନ ତଥା କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିଏମସି ମେୟର ସଂଘମିତ୍ରା ଦଳେଇ ଓ ଡେପୁଟି ମେୟର ବିବେକ ରେଡ୍ଡି ଉପସ୍ଥିତ ଥିଲେ। ସହରର ଗଳିକନ୍ଦି ଓ ରାସ୍ତା ମଧ୍ୟରେ ଯେଉଁମାନେ ଠେଲା ଗାଡିରେ ବ୍ୟବସାୟ କରୁଛନ୍ତି ସେମାନଙ୍କୁ ଟ୍ରେଡ ଲାଇସେନ୍ସ ବାଧ୍ୟତାମୂଳକ କରାଯିବ।


ବୈଠକରେ ଉପସ୍ଥିତ ମେୟର ଓ ଅନ୍ୟମାନେ।

ଏଥିସହ ମନ୍ଦିର ପାର୍ଶ୍ୱରେ ରହିଥିବା ଦୋକାନ ଗୃହ, ହୋଟେଲ, କୋଚିଂ ସେଣ୍ଟର ଓ ବେସରକାରୀ ସ୍କୁଲ ଏବଂ କଲେଜ ସମସ୍ତଙ୍କୁ ଟ୍ରେଡ ଲାଇସେନ୍ସ ବାଧ୍ୟତାମୂଳକ ସହ ସେମାନଙ୍କଠାରୁ ୟୁଜର୍ସ ଫି ଆଦାୟ କରାଯିବ। ଯେଉଁ ଘର ମାଲିକମାନେ ସଠିକ ଭାବେ ହୋଲଡିଂ ଟ୍ୟାକ୍ସ ପୈଠ କରୁ ନାହାନ୍ତି ସେମାନଙ୍କୁ ନୋଟିସ ମାଧ୍ୟମରେ ଜଣାଯିବ। ଏହାର ସଫଳ କାର୍ଯ୍ୟକାରୀ ପାଇଁ ନିଗମ ପକ୍ଷରୁ ପ୍ରତ୍ୟେକ ମାସରେ ପ୍ରଚାର ଗାଡି ମାଧ୍ୟମରେ ଅବଗତ କରାଯିବ। ନିଗମର ରହିଥିବା ଓଲ୍ଡାଇ ଫାଟକକୁ ଘରୋଇକରଣ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିସହ ସହରରେ ରହିଥିବା ଦୋକାନ, ହୋଟେଲ, ସୁନା ଦୋକାନ, ହଷ୍ଟେଲ, କଲେଜ, କୋଚିଂ ସେଣ୍ଟର, ମଲ ଗୁଡିକର ତାଲିକା ପ୍ରସ୍ତୁତ କରାଯାଇ ସେମାନଙ୍କଠାରୁ ୟୁଜର୍ସ ଫି ଆଦାୟ କରାଯିବ। ଏହି ବୈଠକରେ କମିଟିର ସଦସ୍ୟ ଶ୍ୱେତାରେଖା ତ୍ରିପାଠୀ, ସନ୍ତୋଷ ସେଠୀ, ପାର୍ବତୀ ପ୍ରଧାନ ଓ ଜେ ଶ୍ରୀନିଭାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

